# ବିପର୍ଯ୍ୟୟ ଦ୍ୱାରା କ୍ଷତିଗ୍ରସ୍ତ ବ୍ୟକ୍ତିଙ୍କ ପାଇଁ ବିପର୍ଯ୍ୟୟ ସହାୟତା ପାଣ୍ଠିରୁ ସରକାରଙ୍କ ତରଫରୁ ସହାୟତା ବ୍ୟବସ୍ଥା

| | | |
|---|---|---|
| କେନ୍ଦ୍ର ସରକାରଙ୍କ ଦ୍ୱାରା ଅନୁମୋଦିତ | ୧୨ଟି ବିପର୍ଯ୍ୟୟ | ବନ୍ୟା, ବାତ୍ୟା, ମରୁଡ଼ି, ଭୂମିକମ୍ପ, ଅଗ୍ନିକାଣ୍ଡ, ସୁନାମୀ, କରକାପାତ, ଭୂସ୍ଖଳନ, ହିମସ୍ଖଳନ, ବାଦଲଫଟା ବର୍ଷା, କୀଟ ଉପଦ୍ରବ ଦ୍ୱାରା ଫସଲ ନଷ୍ଟ, ଶୀତ ଲହରୀ |
| ରାଜ୍ୟ ସରକାରଙ୍କ ଦ୍ୱାରା ଅନୁମୋଦିତ | ୮ଟି ବିପର୍ଯ୍ୟୟ | ଅଂଶୁଘାତ, ଘୂର୍ଣ୍ଣିଝଡ଼, ଟର୍ଣ୍ଣାଡ଼ୋ, ପ୍ରବଳ ବୃଷ୍ଟିପାତ, ନୌକା ଦୂର୍ଘଟଣା, ପାଣିରେ ବୁଡ଼ି ମୃତ୍ୟୁ, ସର୍ପାଘାତ, ବଜ୍ରପାତ |

## କି ପ୍ରକାର ସହାୟତା ପାଇବେ(ତା ୧୦.୧୦.୨୦୨୨ରିଖ ଠାରୁ ):

### ୧. ଅନୁକମ୍ପାମୂଳକ ସହାୟତା:

| | | |
|---|---|---|
| କ) | ବିପର୍ଯ୍ୟୟ ଦ୍ୱାରା (ଅଂଶୁଘାତ ବ୍ୟତୀତ) ମୃତ୍ୟୁବରଣ କରିଥିବା ଲୋକଙ୍କ ପରିବାରଙ୍କୁ | ୪.୦୦ ଲକ୍ଷ ଟଙ୍କା |
| ଖ) | ଅଂଶୁଘାତ ଜନିତ ମୃତ ବ୍ୟକ୍ତିଙ୍କ ପରିବାରଙ୍କୁ | ୫୦,୦୦୦/- ଟଙ୍କା |
| ଗ) | ଆଖି, ଗୋଡ଼ ହରାଇଥିବା ଅକର୍ମଣ୍ୟ ବା ଅସାମର୍ଥ୍ୟ ବ୍ୟକ୍ତିଙ୍କୁ ସହାୟତା | |
| | ଯଦି ଏହି ଅକର୍ମଣ୍ୟ ୪୦% ରୁ ୬୦% ଭାଗ ହୋଇଥାଏ | ୭୪,୦୦୦ ଟଙ୍କା |
| | ଯଦି ଏହି ଅକର୍ମଣ୍ୟ ୬୦%ରୁ ଉର୍ଦ୍ଧ ହୋଇଥାଏ | ୨.୫୦ ଲକ୍ଷ ଟଙ୍କା |
| ଘ) | କ୍ଷତବିକ୍ଷତ ହୋଇ  ଚିକିତ୍ସାଧୀନ ହେଉଥିଲେ: | |
| | ଡାକ୍ତରଖାନାରେ ୭ ଦିନରୁ  ଉର୍ଦ୍ଧ ସମୟ ଧରି ଚିକିତ୍ସିତ ହେଉଥିଲେ | ଚିକିତ୍ସା ବାବଦ ୧୬,୦୦୦ ଟଙ୍କା |
| | ଡାକ୍ତରଖାନାରେ ୧ ସପ୍ତାହରୁ କମ୍ ଦିନ ପାଇଁ ଚିକିତ୍ସିତ ହେଉଥିଲେ | ଚିକିତ୍ସା ବାବଦ ୫,୪୦୦ ଟଙ୍କା |

### ୨. ଲୁଗାପଟା ଓ ବାସନକୁସନ ସହାୟତା :

| | |
|---|---|
| ପରିବାରଙ୍କର ବାସଗୃହ ସଂପୂର୍ଣ୍ଣ ଭାବେ ନଷ୍ଟ ହୋଇଥିଲେ କିମ୍ବା ୨ ଦିନ ଧରି ବନ୍ୟାଜଳରେ ବୁଡ଼ି ରହିଥିଲେ | |
| ଲୁଗାପଟା ପାଇଁ | ୨୫୦୦/- ଟଙ୍କା |
| ବାସନ କୁସନ ପାଇଁ | ୨୫୦୦/- ଟଙ୍କା |

### ୩. କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ପାଇଁ ସହାୟତା:

| | | |
|---|---|---|
| କ) | ବାଲିଚର ସହାୟତା(ଯଦି ୩ ଇଞ୍ଚରୁ ଉର୍ଦ୍ଧ ବାଲିଚର ହୋଇଥାଏ) | ହେକ୍ଟର ପିଛା ୧୮,୦୦୦/- ଟଙ୍କା, ସର୍ବନିମ୍ନ ୨୨୦୦ ଟଙ୍କା |
| ଖ) | ମାଛଚାଷ ପୋଖରୀର ମରାମତି ଓ ପଙ୍କ ଉଦ୍ଧାର ପାଇଁ | ହେକ୍ଟର ପିଛା ୧୮,୦୦୦/- ଟଙ୍କା, ସର୍ବନିମ୍ନ ୨୨୦୦ ଟଙ୍କା |
| ଗ) | ଯଦି ଚାଷ ଜମିର ଅନେକାଂଶ ଭୂସ୍ଖଳନ ଯୋଗୁଁ, ନଦୀର ଗତିପଥ ପରିବର୍ତ୍ତନ ଯୋଗୁଁ କ୍ଷୟ ହୋଇଥାଏ | ହେକ୍ଟର ପିଛା ୪୭,୦୦୦/- ଟଙ୍କା । ଏଥିପାଇଁ ଚାଷୀ ପିଛା ସର୍ବନିମ୍ନ ୫୦୦୦ ଟଙ୍କା ସହାୟତା ଦିଆଯିବ । |
| ଘ) | ୩୩% ବା ଉର୍ଦ୍ଧ୍ୱ ଫସଲହାନୀ ପାଇଁ ସହାୟତା (ଉଦ୍ୟାନ ଚାଷ, ଧାନ ଚାଷ) | |
| | ଅଣଜଳସେଚିତ ଜମି ପାଇଁ | ହେକ୍ଟର ପିଛା ୮,୫୦୦/- ଟଙ୍କା, ସର୍ବନିମ୍ନ ୧୦୦୦/- ଟଙ୍କା |
| | ଜଳସେଚିତ ଜମି ପାଇଁ | ହେକ୍ଟର ପିଛା ୧୭,୦୦୦/- ଟଙ୍କା, ସର୍ବନିମ୍ନ ୨୦୦୦/- ଟଙ୍କା |
| ଙ) | ୩୩% ଉର୍ଦ୍ଧ୍ୱ ବାରମାସୀ ଫସଲହାନୀ ପାଇଁ | ହେକ୍ଟର ପିଛା ୨୨,୫୦୦/- ଟଙ୍କା |
| | | (ଏହି ସହାୟତା ସର୍ବନିମ୍ନ ୨୫୦୦/- ଟଙ୍କା ଅଟେ ।) |

### ୪. କ୍ଷୁଦ୍ର ଓ ନାମମାତ୍ର ଚାଷୀ ବ୍ୟତୀତ ଅନ୍ୟ ଚାଷୀମାନଙ୍କୁ ସହାୟତା (୩୩ % ରୁ ଉର୍ଦ୍ଧ୍ୱ ନଷ୍ଟ ହୋଇଥିଲେ):

| | |
|---|---|
| ଅଣଜଳସେଚିତ ଅଞ୍ଚଳ ପାଇଁ | ହେକ୍ଟର ପିଛା ୮,୫୦୦/- ଟଙ୍କା |
| ଜଳସେଚିତ ଜମି ପାଇଁ | ହେକ୍ଟର ପିଛା ୧୭,୦୦୦/- ଟଙ୍କା |
| ସମସ୍ତ ପ୍ରକାର ବାରମାସୀ ଫସଲ ପାଇଁ | ହେକ୍ଟର ପିଛା ୨୨,୫୦୦/- ଟଙ୍କା |
| (ଏହି ସହାୟତା  ସର୍ବାଧିକ ୨ ହେକ୍ଟର ପାଇଁ ଯୋଗାଇ ଦିଆଯିବ) | |

### ୫. କ୍ଷୁଦ୍ର ଓ ନାମମାତ୍ର ରେଶମ ଚାଷୀଙ୍କ ପାଇଁ ସହାୟତା (୩୩ % ରୁ ଉର୍ଦ୍ଧ୍ୱ ନଷ୍ଟ ହୋଇଥିଲେ):

| | |
|---|---|
| ଏଣ୍ଡିପୋକ, ତୁତଚାଷ ଏବଂ ଟସରଚାଷ ଚାଷୀମାନଙ୍କୁ | ହେକ୍ଟର ପିଛା  ୬,୦୦୦/- ଟଙ୍କା |
| ମୁଗ ଚାଷ ପାଇଁ | ହେକ୍ଟର ପିଛା ୭,୫୦୦/- ଟଙ୍କା ଚାଷୀ ପିଛା ସର୍ବନିମ୍ନ ୧୦୦୦/- ଟଙ୍କା |

**୬. ମୃତ ଗୃହପାଳିତ ପଶୁମାନଙ୍କ ପାଇଁ ସହାୟତା:**

| | |
|---|---|
| ମୃତ ଦୁଧିଆଳୀ ପଶୁ ଯଥା ମଇଁଷି, ଗାଇ ପାଇଁ | ମୃତ ପଶୁ ପିଛା ୩୭,୫୦୦/- ଟଙ୍କା |
| ମୃତ ଛେଳି ବା ମେଣ୍ଢା ପାଇଁ | ପଶୁପିଛା ୪୦୦୦/- ଟଙ୍କା |
| ମୃତ ଭାରବାହୀ ପଶୁ ଯଥା ବଳଦ, ମଇଁଷି, ଘୋଡ଼ା ପାଇଁ | ପଶୁପିଛା ୩୨,୦୦୦/- ଟଙ୍କା |
| ମୃତ ବାଛୁରୀ, ଗଧ ଏବଂ ଖଚର ପାଇଁ | ପଶୁ ପିଛା ୨୦,୦୦୦/- ଟଙ୍କା |
| **(ବିଦ୍ର: ଏହି ସହାୟତା ରାଶି ଗୋଟିଏ ପରିବାରର ୩ଟି ବଡ଼ ଦୁଗ୍ଧ ପ୍ରଦାନକାରୀ ପଶୁ ବା ୩୦ଟି ଛୋଟ ଦୁଗ୍ଧ ପ୍ରଦାନକାରୀ ପଶୁ କିମ୍ବା ୩ଟି ବୃହତ ଭାରବାହୀ ପଶୁ ବା ୬ଟି ଛୋଟ ଭାରବାହୀ ପଶୁଙ୍କ ପର୍ଯ୍ୟନ୍ତ ସିମିତ ରହିବ ।)** | |

**୭. କ୍ଷତିଗ୍ରସ୍ତ କୁକୁଡା ଚାଷ ପାଇଁ ସହାୟତା:**

| | |
|---|---|
| ମୃତ କୁକୁଡା ପିଛା | ୧୦୦/- ଟଙ୍କା |
| (ଏହି ସହାୟତା ପରିବାର ପିଛା ସର୍ବାଧିକ ୧୦,୦୦୦/- ଟଙ୍କା ଯୋଗାଇ ଦିଆଯିବ । | |

୮. **ପ୍ରଭାବିତ ଗୋରୁଗାଈ ମାନଙ୍କ ପାଇଁ ସହୟତା:**

| | |
|---|---|
| ବଡ ପଶୁମାନଙ୍କ ପାଇଁ | ଦିନ ପିଛା ୮୦/- ଟଙ୍କା ହାରରେ |
| ଛୋଟ ପଶୁମାନଙ୍କ ପାଇଁ | ୪୫/- ଟଙ୍କା ହାରରେ |

୯. **କ୍ଷତିଗ୍ରସ୍ତ ମତ୍ସ୍ୟଜୀବିଙ୍କ ପାଇଁ ସହାୟତା:**

| | | |
|---|---|---|
| କ) | ଆଂଶିକ କ୍ଷତିଗ୍ରସ୍ତ ଡଙ୍ଗା ପାଇଁ | ୬,୦୦୦/- ଟଙ୍କା |
| | ଆଂଶିକ କ୍ଷତିଗ୍ରସ୍ତ ଜାଲ ପାଇଁ | ୩୦୦୦/- ଟଙ୍କା |
| | ସଂପୂର୍ଣ୍ଣ ଭାଙ୍ଗି ଯାଇଥିବା ଡଙ୍ଗା ପାଇଁ | ୧୫,୦୦୦/- ଟଙ୍କା |
| | ସଂପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଥିବା ଜାଲ ପାଇଁ | ୪,୦୦୦ /- ଟଙ୍କା |
| ଖ) | ମତ୍ସ୍ୟ ଯାଆଁଳ ଚାଷ (Fish seed farm) ର କ୍ଷତି ପାଇଁ | ହେକ୍ଟର ପିଛା - ୧୦,୦୦୦/- ଟଙ୍କା |
| (ବିଦ୍ର : ଯଦି ସରକାରଙ୍କର ଅନ୍ୟ କୌଣସି ଯୋଜନା ମାଧ୍ୟମରେ ଏହି ସହାୟତା ରାଶି ମିଳୁଥାଏ ତେବେ ବିପର୍ଯ୍ୟୟ ସହାୟତା ପାଣ୍ଠିରୁ ଏଥି ନିମନ୍ତେ ସହାୟତା ଦିଆଯିବ ନାହିଁ ।) | | |

୧୦. **ହସ୍ତଶିଳ୍ପ, ହସ୍ତତନ୍ତ କାରିଗରମାନଙ୍କୁ ସହାୟତା:**

| | | |
|---|---|---|
| କ) | ଯନ୍ତ୍ରାଂଶ ନଷ୍ଟ ବା ପ୍ରତିସ୍ଥାପନ ପାଇଁ | ଗ୍ରାମୀଣ କାରୀଗର ପିଛା ୫୦୦୦/- ଟଙ୍କା |
| ଖ) | ସେହିପରି ବିଭିନ୍ନ ଆନୁସଙ୍ଗିକ ଦ୍ରବ୍ୟ ପାଇଁ | ଗ୍ରାମୀଣ କାରୀଗର ପିଛା ୫୦୦୦/- ଟଙ୍କା |

## ୧୧. ଭାଙ୍ଗି ଯାଇଥିବା ବାସଗୃହର ମରାମତି ପାଇଁ ସହାୟତା:

| | | |
|---|---|---|
| କ) | ସମତଳ ଅଞ୍ଚଳ (ପକ୍କା ଘର ଓ କଚ୍ଚାଘର) ପାଇଁ : ସଂପୂର୍ଣ୍ଣ /ଅତ୍ୟନ୍ତ / ଅତ୍ୟଧିକ ଭାଙ୍ଗି ନଷ୍ଟ ହୋଇଥିଲେ | ୧,୨୦,୦୦୦/- ଟଙ୍କା |
| | ପାର୍ବତ୍ୟାଞ୍ଚଳ (ପକ୍କା ଘର ଓ କଚ୍ଚାଘର) ପାଇଁ: ସଂପୂର୍ଣ୍ଣ /ଅତ୍ୟନ୍ତ / ଅତ୍ୟଧିକ ଭାଙ୍ଗି ନଷ୍ଟ ହୋଇଥିଲେ | ୧,୩୦,୦୦୦/- ଟଙ୍କା |
| ଖ) | ଯଦି ପକ୍କା ଘର ଆଂଶିକ କ୍ଷତିଗ୍ରସ୍ତ ହୋଇଥାଏ | ୬,୫୦୦/- ଟଙ୍କା |
| | ଯଦି କଚ୍ଚା ଘର ଆଂଶିକ କ୍ଷତିଗ୍ରସ୍ତ ହୋଇଥାଏ | ୪୦୦୦ /- ଟଙ୍କା |
| ଗ) | ଯଦି କୁଡ଼ିଆ ଘର ଭାଙ୍ଗି ଯାଇଥିବ ବା ନଷ୍ଟ ହୋଇଥିବ | କୁଡ଼ିଆ ପିଛା ୮୦୦୦/- ଟଙ୍କା |
| ଘ) | ଯଦି ଗୁହାଳଘର ଭାଙ୍ଗି ଯାଇଥିବ | ୩୦୦୦/- ଟଙ୍କା |